## ସଂକ୍ଷେପରେ

### ୮ ଜୀବନ ନେଲା କରୋନା

**ଢେଙ୍କାନାଳ ଅଫିସ, ୨୦।୮:** ଢେଙ୍କାନାଳ ଜିଲାରେ କରୋନା ମୃତ୍ୟୁ ମୃତ୍ୟୁସଂଖ୍ୟା ବଢ଼ିବାରେ ଲାଗିଛି। ଶୁକ୍ରବାର ଦିନକରେ ୮ଜଣ ସଂକ୍ରମିତଙ୍କ ଜୀବନ ଯାଇଛି। ଏହାପରେ ଜିଲାରେ ମୋଟ କୋଭିଡ୍‌ଜନିତ ମୃତ୍ୟୁସଂଖ୍ୟା ୧୭୨ରେ ପହଞ୍ଚିଛି। ସେହିପରି ଦିନକରେ ୧୫ ଜଣ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ୧୦ ଜଣ ସୁସ୍ଥ ହୋଇଛନ୍ତି। ନୂଆ ସଂକ୍ରମିତଙ୍କ ମଧ୍ୟରେ ଢେଙ୍କାନାଳ ପୌରାଞ୍ଚଳର ୩, ହିନ୍ଦୋଳ ବ୍ଲକର ୮, ସଦର ବ୍ଲକର ୧, ଓଡ଼ାପଡ଼ା ବ୍ଲକର ୨, ଗଁଦିଆ ବ୍ଲକର ଜଣେ ରହିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ସାଙ୍ଗଠନିକ ସଭା

**କଣିହାଁ, ୨୦।୮(ଡି.ଏନ୍.ଏ.):** କଣିହାଁ ବ୍ଲକ ଅନ୍ତର୍ଗତ ମା’ ଲୁଧୁଣି ମନ୍ଦିରରେ କର୍ଣ୍ଣପାଳ ପଞ୍ଚାୟତ ବିଜେଡି ପକ୍ଷରୁ ସାଙ୍ଗଠନିକ ସଭା ଅନୁଷ୍ଠିତ ହୋଇଯାଇଛି। ଆଗାମୀ ପଞ୍ଚାୟତ ନିର୍ବାଚନରେ ଦଳ ଯେପରି ସଫଳତା ହାସଲ କରେ, ସେ ନେଇ ଆଲୋଚନା କରାଯାଇଥିଲା। ମୁଖ୍ୟଅତିଥି ଭାବେ ପାଲଲହଡ଼ା ବିଧାୟକ ମୁକେଶ ପାଲ, ବ୍ଲକ ବିଜେଡି ସଭାପତି କୈଳାସ ସାହୁ, ରବିଚନ୍ଦ୍ର ରାଉତ, ସୁବାସ ମହାନ୍ତି, ସୁନୀଲ ସାହୁ, ମିଲନ ବେହେରା, ନାଏକ ସରପଞ୍ଚ କୁନା ସାମଲ ପ୍ରମୁଖ ଉପସ୍ଥିତ ରହି ଆଗାମୀ ନିର୍ବାଚନର ରଣନୀତି ସମ୍ପର୍କରେ ଆଲୋଚନା କରିଥିଲେ।

### ହାଇୱା ଧକ୍କାରେ ସାଇକେଲ ଚାଳକ ଗୁରୁତର

**ପାଟଣା,୨୦।୮(ସ୍ୱ.ପ୍ର):** କେନ୍ଦୁଝର ଜିଲା ଢେଙ୍କିକୋଟ ଓ ପାଟଣା ଦେଇ ଯାଇଥିବା ରାଞ୍ଚି-ବିଜୟୱାଡ଼ା ୨୨୦ନଂ. ଜାତୀୟ ରାଜପଥର ମଲ୍ଲୀପଶି ନିକଟରେ ଶୁକ୍ରବାର ଏକ ବାଲି ବୋଝେଇ ହାଇୱା ଧକ୍କାରେ ଜଣେ ସାଇକେଲ ଚାଳକ ଗୁରୁତର ହୋଇଛନ୍ତି। ହାଇୱାଟି ତାଙ୍କ ବାମ ଗୋଡ଼ ଉପରେ ଚଢ଼ି ଯାଇଥିଲା। ୧୦୮ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଚିକିତ୍ସା ପାଇଁ ପ୍ରଥମେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନା ପଠାଯାଇଛି। ଆହତ ସାଇକେଲ ଚାଳକ ହେଲେ ପଲାଶ ଘାଟି ପଞ୍ଚାୟତ କୁମୁଲା ବାହାଳୀ ଖଇରନ୍ଧା ସାହିର ପଦ୍ମଲୋଚନ ଟୁଡ୍ଡୁ। ଦୁର୍ଘଟଣା ପରେ ହାଇୱା ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଜଣାପଡ଼ିଛି।

### ଛେଳି ଗିଳିବା ବେଳେ ଅଜଗର ଉଦ୍ଧାର

**କପ୍ତିପଦା,୨୦।୮(ଡି.ଏନ.ଏ.)-** ମୟୂରଭଞ୍ଜ ଜିଲା କପ୍ତିପଦା ବନାଞ୍ଚଳର ନେଦାମ ଅଞ୍ଚଳରେ ଛେଳି ଗିଳୁଥିବା ବେଳେ ଏକ ଅଜଗର ଉଦ୍ଧାର ହୋଇଛି। ବନ ବିଭାଗ କର୍ମଚାରୀମାନେ ତାକୁ ନାଟୋ ସଂରକ୍ଷିତ ଜଙ୍ଗଲରେ ଛାଡ଼ିଛନ୍ତି। ଗ୍ରାମର କିଛି ପିଲା ଛେଳି ଚରାଉଥିବାବେଳେ ହୁଡ଼ି ନିକଟରେ ଏକ ଛେଳିକୁ ଅଜଗରଟିଏ ଗିଳୁଥିଲା। ଏହାଦେଖି ସେମାନେ ଗ୍ରାମବାସୀଙ୍କୁ ଡାକ ପକାଇଥିଲେ। ଗ୍ରାମବାସୀଙ୍କଠାରୁ ଖବରପାଇ ବନ କର୍ମଚାରୀମାନେ ପହଞ୍ଚି ସାପଟିକୁ ଉଦ୍ଧାର କରିଥିଲେ।

### ନାବାଳିକାଙ୍କ ସନ୍ଦେହଜନକ ମୃତ୍ୟୁ

**ଘାଗରବେଡା,୨୦।୮(ଡି.ଏନ.ଏ.)-** ମୟୂରଭଞ୍ଜ ଜିଲା ଘାଗରବେଡ଼ା ଥାନା ପାନପତ୍ରିଆ ଗ୍ରାମରେ ଜଣେ ନାବାଳିକାଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ସେ ହେଲେ ଦମ୍ବୁ କେଲାଇଙ୍କ ଝିଅ ମିନାରାଣୀ। ଚଳିତ ବର୍ଷ ସେ ମାଟ୍ରିକ ପାସ୍ କରିଥିଲେ। କଲେଜରେ ଆଡ୍‌ମିଶନ କରିବା ନେଇ ମା’ଙ୍କ ସହ ଯୁକ୍ତିତର୍କ କରି ମଙ୍ଗଳବାର ଘରୁ ରାଗିକି କେଉଁଆଡ଼େ ପଳାଇ ଯାଇଥିଲେ। ଗୁରୁବାର ନିକଟସ୍ଥ ନାଳ ପାଖ ଏକ ଆକାଶୀ ଗଛରେ ତାଙ୍କ ମୃତଦେହ ଝୁଲୁଥିବା ଦେଖିବାକୁ ମିଳିଥିଲା। ଖବରପାଇ ଘାଗରବେଡ଼ା ଥାନା ପୋଲିସ ପହଞ୍ଚି ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରୁ ନମୂନା ସଂଗ୍ରହ କରି ଫେରିଛନ୍ତି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୪/୨୧) ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଛି।

### ୩ ଚୋରା ମଦ ବେପାରୀ ଗିରଫ

**ରୁପସା, ୨୦।୮(ଡି.ଏନ.ଏ.)-** ବସ୍ତା ଅବକାରୀ ଥାନା ପକ୍ଷରୁ ଶୁକ୍ରବାର ବସ୍ତା, ସିଂଲା ଓ ବାଲିଆପାଳ ଥାନା ଅଞ୍ଚଳରେ ଚଢ଼ାଉ କରାଯାଇ ୩ଜଣ ଚୋରା ମଦ ବେପାରୀଙ୍କୁ ଗିରଫ କରାଯାଇଛି। ଥାନାଧିକାରୀ କୁଳମଣି ମହାରଣାଙ୍କ ନେତୃତ୍ୱରେ ଚଢ଼ାଉ କରି ବସ୍ତା ଥାନା ଭଗିଚକୁରି ଗାଁର ଗୌତମ ପରିଡ଼ା, ସିଂଲା ଥାନା ବରହମପୁର ଗାଁର ରବୀନ୍ଦ୍ର ସେନାପତି ଓ ବାଲିଆପାଳ ଥାନା ଦେଉଳା ଗ୍ରାମର ମାନସ ମାଝିଙ୍କୁ ଗିରଫ କରିଥିଲେ।

# ଯୋଗ୍ୟ ପ୍ରାର୍ଥୀଙ୍କ ନିଯୁକ୍ତିକୁ ଅଗ୍ରାଧିକାର

- ଆଞ୍ଚଳିକ କ୍ଷତିଗ୍ରସ୍ତ ପ୍ରଜା ସଂଘ-ଟାଟା ବିଏସ୍ଏଲ୍ ଆଲୋଚନା
- ଜମିହରା କ୍ଷତିଗ୍ରସ୍ତ ପ୍ରଜାଙ୍କ ପାଇଁ ଖୋଲିବ ସ୍ୱତନ୍ତ୍ର ୱେବସାଇଟ୍
- ଟ୍ରାଫିକ୍ ସମସ୍ୟାର ସମାଧାନ ଲାଗି ନିଆଯିବ ପଦକ୍ଷେପ



ବୈଠକରେ ଆଞ୍ଚଳିକ କ୍ଷତିଗ୍ରସ୍ତ ପ୍ରଜା ସଂଘ, ବ୍ରାହ୍ମଣୀ ଟ୍ରକ୍ ମାଲିକ ସଂଘ ଏବଂ ଟାଟା ବିଏସ୍ଏଲ୍‌ର ଅଧିକାରୀମାନେ।

**ଢେଙ୍କାନାଳ ଅଫିସ, ୨୦।୮**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ନରେନ୍ଦ୍ରପୁରସ୍ଥିତ ଟାଟା ବିଏସ୍ଏଲ୍ କମ୍ପାନୀ ପରିସରରେ ଶୁକ୍ରବାର ଆଞ୍ଚଳିକ କ୍ଷତିଗ୍ରସ୍ତ ପ୍ରଜା ସଂଘ, ବ୍ରାହ୍ମଣୀ ଟ୍ରକ୍ ମାଲିକ ସଂଘ ଏବଂ କାରଖାନା କର୍ତ୍ତୃପକ୍ଷଙ୍କ ମଧ୍ୟରେ ତ୍ରିପାକ୍ଷିକ ଆଲୋଚନା ହୋଇଛି। ଦୁଇ ସଂଘ ପକ୍ଷରୁ ୭ଦଫା ଦାବି ଉପସ୍ଥାପନ କରାଯାଇଥିଲା। ଏଣିକି କମ୍ପାନୀରେ ଅଗ୍ରାଧିକାର ଭିତ୍ତିରେ ଯୋଗ୍ୟ ପ୍ରାର୍ଥୀଙ୍କୁ ନିଯୁକ୍ତି ଦେବାକୁ ସମ୍ମତି ପ୍ରକାଶ ପାଇଛି। ସେହିପରି ଆଇଟିଆଇ ପିଲାଙ୍କୁ ନିଃଶୁଳ୍କ ଆପ୍ରେଣ୍ଟିସ୍ ସହ ୫% ପ୍ରାର୍ଥୀଙ୍କୁ ମାର୍କରେ ଅଗ୍ରାଧିକାର ପ୍ରଦାନ କରାଯିବ। ଭୂଷଣ ଅଧୀନରେ କମ୍ପାନୀ ପରିଚାଳନା ଭାର ଥିବାବେଳେ ପ୍ରଚଳିତ ତାରତମ୍ୟ ଦରମାକୁ ବାତିଲ କରି ଟାଟା ବିଏସ୍ଏଲ୍ କମ୍ପାନୀ ସମାନ ଚାକିରିକୁ ସମାନ ଦରମା ଦେବ। ଜମିହରା ଓ କ୍ଷତିଗ୍ରସ୍ତ ପ୍ରଜାଙ୍କ ପାଇଁ ସ୍ୱତନ୍ତ୍ର ୱେବ୍‌ସାଇଟ୍ ଖୋଲାଯାଇ ଚାକିରି ପାଇଁ ଦରଖାସ୍ତ ଆହ୍ୱାନ କରାଯିବ। ଏହାଦ୍ୱାରା ଆଞ୍ଚଳିକସ୍ତରରେ ସମସ୍ତ ଆଶାୟୀ ସବୁପ୍ରକାର ତଥ୍ୟ ପାଇପାରିବେ।

ସେହିପରି ଓଡ଼ାପଡ଼ା ବ୍ଲକ ମେରାମଣ୍ଡଳୀଠାରୁ ଅନୁଗୋଳ ଜିଲାର ବଅଁରପାଳ ଯାଏ ଟ୍ରାଫିକ୍ ସମସ୍ୟା ଜଟିଳ ରୂପ ନେଲାଣି। ଏହାର ନିରାକରଣ ଲାଗି କମ୍ପାନୀ ପଦକ୍ଷେପ ନେବ। ଏହାକୁ ବାଦ୍‌ଦେଲେ ବିଶୁଦ୍ଧ ପାନୀୟଜଳ ଯୋଗାଣ, ଅଞ୍ଚଳବାସୀଙ୍କ ଲାଗି ଅତ୍ୟାଧୁନିକ ଚିକିତ୍ସାଳୟ ସ୍ଥାପନ, ସମସ୍ତ ପଞ୍ଚାୟତରେ ଉନ୍ନୟନମୂଳକ କାର୍ଯ୍ୟ, ଶିକ୍ଷାର ବିକାଶ ଲାଗି ମଡେଲ ବିଦ୍ୟାଳୟ ଖୋଲାଯିବ। ମହିଳା ଏବଂ ଦିବ୍ୟାଙ୍ଗ ଯୁବତୀଯୁବକଙ୍କ ନିଯୁକ୍ତି ନିଷ୍ପତ୍ତି ବିଷୟରେ ବିଚାର କରାଯାଉଥିବା କର୍ତ୍ତୃପକ୍ଷ କହିଛନ୍ତି। ଅନ୍ୟପକ୍ଷେ ଟ୍ରକ୍ ମାଲିକ ସଂଘର ଦାବି ଅନୁଯାୟୀ କାରଖାନାକୁ ରାଜ୍ୟ ବାହାର ଓ ଭିତରେ ୫୦ ପ୍ରତିଶତ ମାଲ ପରିବହନ କରିବା ଲାଗି କମ୍ପାନୀ ରାଜି ହୋଇଛି। କାରଖାନା ଭିତରେ ୩୦% ପରିବହନ କାର୍ଯ୍ୟ ଟ୍ରକ୍ ମାଲିକ ସଂଘ ଦାବି କରିଥିବା ବେଳେ ଏ ସମ୍ପର୍କରେ ଶୀଘ୍ର ବିଚାର କରାଯିବ ବୋଲି କାରଖାନା କର୍ତ୍ତୃପକ୍ଷ କହିଛନ୍ତି।

ଆଲୋଚନା ବେଳେ ଟାଟା ବିଏସ୍ଏଲ୍‌ର ଚିଫ୍ କର୍ପୋରେଟ୍ ଅଧିକାରୀ ମୋହିତ ଦାସଙ୍କ ସହିତ ଅନ୍ୟ ପଦାଧିକାରୀ ଉପସ୍ଥିତ ଥିଲେ। ଆଞ୍ଚଳିକ କ୍ଷତିଗ୍ରସ୍ତ ପ୍ରଜା ସଂଘ ପକ୍ଷରୁ ସଭାପତି ଗଙ୍ଗାଧର ସାମଲ, ସୁଧୀର କୁମାର ସାମଲ, ବିଜୟ ଧଳ, ନରେନ୍ଦ୍ର ସାହୁ, ଅଖିଳ ମହାପାତ୍ର, ପଙ୍କଜ ଲୋଚନ ସାହୁ, ବିନୋଦ ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# କଂଗ୍ରେସ ପାଳିଲା ସଦ୍‌ଭାବନା ଦିବସ

**ଢେଙ୍କାନାଳ ଅଫିସ, ୨୦।୮**

ଢେଙ୍କାନାଳ ଜିଲା କଂଗ୍ରେସ କାର୍ଯ୍ୟାଳୟ ତଥା ଗାନ୍ଧୀ ମନ୍ଦିର ପରିସରରେ ଶୁକ୍ରବାର ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ୭୮ତମ ଜୟନ୍ତୀ ତଥା ସଦ୍‌ଭାବନା ଦିବସ ପାଳିତ ହୋଇଯାଇଛି। ରାଜୀବଙ୍କ ପ୍ରଧାନମନ୍ତ୍ରିତ୍ୱ ସମୟରେ ଯୋଗାଯୋଗ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଅଣାଯାଇଥିଲା। ଏଥିସହ କଞ୍ଜ୍ୟୁମର ଆକ୍ଟ, ବୈଦେଶିକ ନୀତି, ଦେଶର ଅଖଣ୍ଡତା ଓ ଗଣତନ୍ତ୍ରକୁ ସୁଦୃଢ଼ କରିବା ଭଳି ବହୁ ବିକାଶମୂଳକ କାର୍ଯ୍ୟ ହୋଇଥିଲା। ଦେଶର ଆଇଟି କ୍ଷେତ୍ରକୁ ରାଜୀବଙ୍କ ଅବଦାନ ଅଭୁଲା ହୋଇ ରହିବ ବୋଲି ଦଳୀୟ କର୍ମକର୍ତ୍ତା କହିଥିଲେ। ସଭାରେ ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, ଏଆଇସିସି ସଭ୍ୟା ସୁଭାସିନୀ ମହାକୁଡ, ବରିଷ୍ଠ ସଦସ୍ୟ ରବିନାରାୟଣ ମହାନ୍ତି, ସମ୍‌ସିଦା ତାୟବ, ଗୋପାଳ ସାହୁ, ଅମ୍ଳାନ ଖଟୁଆ, ନିର୍ମଳ ମିଶ୍ର, ନିଶାକର ସାହୁ, ବିଜୟ କୁମାର ସ୍ୱାଇଁ, ଶେକ୍ ଜାବିର୍ ବକ୍ସ, ମହମ୍ମଦ ସମୀର, ହାଇଦର୍ ମହମ୍ମଦ, ଶୁଭମ୍ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ପୂର୍ବତନ ରାଜ୍ୟ ଯୁବ କଂଗ୍ରେସ ସଭାପତି ସଂଗ୍ରାମ କେଶରୀ ଜେନାଙ୍କ ବିୟୋଗରେ ସ୍ମୃତିଚାରଣ କରାଯାଇଥିଲା। ରୁଦ୍ରପ୍ରକାଶ ଶରଣ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଆୟୋଜିତ ରକ୍ତଦାନ ଶିବିରରେ ୩୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। କମଲ୍ ପ୍ରୀତି ସିଂ, ଡୋନେଶ ମହାପାତ୍ର, ସିଦ୍ଧାନ୍ତ ମିଶ୍ର, ଜ୍ୟୋତିପ୍ରକାଶ ବେହେରା, ହାଇଦର୍ ମହମ୍ମଦ୍, ବିଶ୍ୱଜିତ୍ ସ୍ୱାଇଁ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।



ସଦ୍‌ଭାବନା ଦିବସ ପାଳନ ଅବସରରେ କଂଗ୍ରେସ କର୍ମକର୍ତ୍ତାବୃନ୍ଦ।

# ଉନ୍ନୟନ କାର୍ଯ୍ୟ ଦେଖିଲେ ଜିଲାପାଳ



କୋଟଗରା ଗ୍ରାମରେ ପଞ୍ଚାୟତ ପକ୍ଷରୁ ନିର୍ମିତ ଗ୍ରାମ୍ୟ ପାର୍କକୁ ଜିଲାପାଳ ପରିଦର୍ଶନ କରୁଛନ୍ତି।

**କାମାକ୍ଷାନଗର, ୨୦।୮(ଡି.ଏନ୍.ଏ.)**

- କୋଟଗରା ପାର୍କ ଦେଖି ଖୁସି ବ୍ୟକ୍ତ କଲେ
- ବିକାଶ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ପରାମର୍ଶ

ଢେଙ୍କାନାଳ ଜିଲାର ନୂତନ ଜିଲାପାଳ ସରୋଜ କୁମାର ସେଠୀ ଶୁକ୍ରବାର କାମାକ୍ଷାନଗର ବ୍ଲକ ଗସ୍ତ କରି ବିଭିନ୍ନ ବିକାଶମୂଳକ କାର୍ଯ୍ୟ ପରିଦର୍ଶନ କରିଛନ୍ତି। ପୁରାତନ ପ୍ରକଳ୍ପ କାର୍ଯ୍ୟ ତୁରନ୍ତ ସାରିବା ସହ ହାତକୁ ନିଆଯାଇଥିବା ନୂତନ ପ୍ରକଳ୍ପ କାମ ତ୍ୱରାନ୍ୱିତ କରିବାକୁ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ।

ଜିଲାପାଳ ପ୍ରଥମେ ସ୍ଥାନୀୟ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଉପଖଣ୍ଡସ୍ତରୀୟ ଅଧିକାରୀଙ୍କୁ ନେଇ ବୈଠକ କରିଥିଲେ। ବ୍ଲକରେ ଲାଗି ରହିଥିବା ସୁବିଧା ଅସୁବିଧା ପଚାରି ବୁଝିବା ସହିତ ନବନିର୍ମିତ ପ୍ରକଳ୍ପ ପରିଦର୍ଶନ କରିବା ଲାଗି ବାହାରିଥିଲେ। ଏହି ଅବସରରେ ସେ କାମାକ୍ଷାନଗର ବ୍ଲକରେ ନିର୍ମାଣାଧୀନ ଘର, ସାରଙ୍ଗଧର ହାଇସ୍କୁଲର ନିର୍ମାଣାଧୀନ ଶ୍ରେଣୀଗୃହ ବୁଲି ଦେଖିଥିଲେ। ଶିକ୍ଷାକ୍ଷେତ୍ରରେ ବିକାଶ ଲାଗି ଆବଶ୍ୟକ ବ୍ୟବସ୍ଥା କରିବାକୁ ସେ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ଏହାପରେ ଆଲୁଅଝରଣ ମହୁଲି ନିକଟରେ ଓପିଟିସିଏଲ୍ ପକ୍ଷରୁ ନିର୍ମାଣାଧୀନ ଟାଉନଶିପ୍, ଅଁଳାବେରେଣୀରେ ଓପିଟିସିଏଲ୍‌ର ଜାଗା ଦେଖି ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ପଚାରି ବୁଝିଥିଲେ। କୋଟଗରା ପଞ୍ଚାୟତ ପୁଷ୍କରିଣୀର ବିକାଶମୂଳକ କାର୍ଯ୍ୟ, ବୋଟିଂ ବ୍ୟବସ୍ଥା, ଗ୍ରାମ୍ୟ ପାର୍କ, ସହରୀ ଡାଙ୍ଗାରେ ନିର୍ମିତ କଲ୍ୟାଣମଣ୍ଡପ ଦେଖି ଖୁସି ବ୍ୟକ୍ତ କରିଥିଲେ। ରାୟନୃସିଂହପୁର ପଞ୍ଚାୟତରେ ନବନିର୍ମିତ ଦୋକାନ ଗୃହ, ସୋଗର ବିଦ୍ୟାଳୟ ପରିଦର୍ଶନ କରିଥିଲେ। କାମାକ୍ଷାନଗର ଅଞ୍ଚଳର ସର୍ବାଙ୍ଗୀନ ବିକାଶ ଲାଗି ତୁରନ୍ତ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରିବା, ହିତାଧିକାରୀଙ୍କ ନିକଟରେ ସିଧାସଳଖ ଯୋଜନା ପହଞ୍ଚାଇବା ଲାଗି ଆବଶ୍ୟକ ବ୍ୟବସ୍ଥା କରିବାକୁ ସେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଜିଲାପାଳଙ୍କ ଏହି ଗସ୍ତ ସମୟରେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ସାଫଲ୍ୟ ମଣ୍ଡିତ ପ୍ରଧାନ, କାମାକ୍ଷାନଗର ଉପଜିଲାପାଳ ଜ୍ୟୋତିଶଙ୍କର ସାହୁ, ଆଇଏଏସ୍ ପ୍ରୋବେଶନର ବିଭୂତି ଭୂଷଣ ନାୟକ, କାମାକ୍ଷାନଗର ବିଡିଓ ବିକାଶ ମହାନ୍ତି, ତହସିଲଦାର ସଞ୍ଜୟ ରାଉତ, କଙ୍କଡାହାଡ଼ ତହସିଲଦାର ରାଜୀବ ଲୋଚନ ଜେନା, କୋଟଗରା ସରପଞ୍ଚ ଲଳିତ ସାହୁ, ବ୍ଲକ ସହକାରୀ ଯନ୍ତ୍ରୀ ପ୍ରଫୁଲ୍ଲ ମହାରଣା, ଓପିଟିସିଏଲ୍ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଦୁର୍ଘଟଣାରେ ପ୍ଲାଣ୍ଟ କର୍ମଚାରୀଙ୍କ ମୃତ୍ୟୁ

**ପରଜଙ୍ଗ, ୨୦।୮(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ୧୪୯ନଂ. ଜାତୀୟ ରାଜପଥର ବଅଁରପାଳ ଛକ ନିକଟରେ ଶୁକ୍ରବାର ସକାଳେ ଏକ ଗାଡ଼ି ଧକ୍କାରେ ଜଣେ କମ୍ପାନୀ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଆଖୁଆପାଳ ପଞ୍ଚାୟତ ରଘୁନାଥପୁର ଗ୍ରାମର ସମୀର ନାଏକ। ସେ କୁଲେଇସ୍ଥିତ ଜିଏମ୍ ଆଇରନ୍ ପ୍ଲାଣ୍ଟରେ କାର୍ଯ୍ୟ କରୁଥିଲେ। ସମୀର ଏବଂ କାହ୍ନା ନାଏକ ପ୍ଲାଣ୍ଟରୁ କାର୍ଯ୍ୟ ସାରି ସାଇକେଲରେ ଘରକୁ ଫେରୁଥିବାବେଳେ କୁଲେଇ-ବଅଁରପାଳ ଛକ ନିକଟରେ ଉକ୍ତ ଗାଡ଼ି ଧକ୍କା ଦେଇଥିଲା। ଘଟଣାସ୍ଥଳରେ ସମୀରଙ୍କ ମୃତ୍ୟୁ ଘଟିଥିଲା। ଗୁରୁତର ଅବସ୍ଥାରେ କାହ୍ନାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଦଦରାଘାଟି ମେଡିକାଲରେ ଭର୍ତ୍ତି କରିଥିଲେ। ଦୁର୍ଘଟଣା ପରେ ପରିବାର ଲୋକେ କ୍ଷତିପୂରଣ ଦାବି କରି କମ୍ପାନୀ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରିଥିଲେ ସୁଦ୍ଧା କେହି କର୍ଣ୍ଣପାତ କରି ନ ଥିଲେ। ଫଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଫଳରେ ଉତ୍ୟକ୍ତ ପରିବାର ଲୋକେ ମୃତଦେହ ରଖି ଜିଏମ୍ ଆଇରନ୍ ପ୍ଲାଣ୍ଟ ସମ୍ମୁଖରେ ଧାରଣାରେ ବସି ରହିଥିଲେ। ଦୀର୍ଘ ୧୦ ଘଣ୍ଟା ପରେ କମ୍ପାନୀ ଅଧିକାରୀ ପହଞ୍ଚି ମୃତ ସମୀରଙ୍କ ବାପାଙ୍କୁ ଠିକା ବିଭାଗରେ ଚାକିରି ପ୍ରଦାନ କରିବା ସହ ୧ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# ସଙ୍ଗଠନ ମଜଭୁତ କରିବାକୁ ପରାମର୍ଶ

**ବଇଣ୍ଡା,୨୦।୮ (ଡି.ଏନ.ଏ.)**

କିଶୋରନଗର କୋଠ ଘର ପରିସରରେ ଶୁକ୍ରବାର ବିଜେଡି ମହିଳା ମୋର୍ଚ୍ଚାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ବବିତା ପ୍ରଧାନଙ୍କ ସଭପତିତ୍ୱରେ ଅନୁଷ୍ଠିତ ବୈଠକରେ ନମିତା ପ୍ରଧାନ, କମଳିନୀ ପ୍ରଧାନ, ବିଜୟନୀ ସାହୁ, ପ୍ରଭାତୀ ସାହୁ, ରୀତାରାଣୀ ପ୍ରଧାନ, ଝିନ ପାତ୍ର, ପ୍ରୀତିମୟୀ ଦେହୁରୀଙ୍କ ସମେତ ବହୁ ସଦସ୍ୟା ଯୋଗଦେଇଥିଲେ। ରାଜ୍ୟ ସରକାର ମହିଳାମାନଙ୍କ ପାଇଁ କରିଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଏଥିରେ ଆଲୋଚନା କରାଯିବା ସହ କିଭଳି ଗ୍ରାମାଞ୍ଚଳରେ ରହୁଥିବା ମହିଳାମାନେ ଏହାଦ୍ୱାରା ଉପକୃତ ହେବେ ସେ ନେଇ ଅଧିକ ଧ୍ୟାନଦେବା ଏବଂ ତୃଣମୂଳସ୍ତରରୁ ସଙ୍ଗଠନକୁ ମଜଭୁତ କରିବା ପାଇଁ ବୈଠକରେ ପରାମର୍ଶ ଦିଆଯାଇଥିଲା।



ବୈଠକରେ ମହିଳା ବିଜେଡି ସଦସ୍ୟାମାନେ।

# ‘ପବିତ୍ର ଲିପି’ ଉନ୍ମୋଚିତ

**କଣିହାଁ, ୨୦।୮(ଡି.ଏନ.ଏ.)**

କଣିହାଁ ବ୍ଲକର ସର୍ବପୁରାତନ ଶିକ୍ଷାନୁଷ୍ଠାନ ପବିତ୍ର ମୋହନ ହାଇସ୍କୁଲର ମୁଖପତ୍ର ‘ପବିତ୍ର ଲିପି’ ଗୁରୁବାର ଉନ୍ମୋଚିତ ହୋଇଯାଇଛି। ୩ବର୍ଷ ହେଲା ପ୍ରକାଶିତ ହୋଇ ଆସୁଥିବା ଏହି ମୁଖପତ୍ରରେ ଛାତ୍ରୀଛାତ୍ରଙ୍କ କବିତା, ପ୍ରବନ୍ଧ, ସୃଜନଶୀଳ ଅନୁଭୂତି ସହିତ ଶିକ୍ଷକଙ୍କ ନିବନ୍ଧ ସ୍ଥାନିତ କରାଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଆଲୁମ୍‌ନି ସଂଘ ସଭାପତି ତଥା ଶିକ୍ଷାବିତ୍ ସୁକାନ୍ତ ପ୍ରଧାନ, ଉପସଭାପତି ସୁଧାକର ପ୍ରଧାନ, ପୁରାତନ ଛାତ୍ର ସୌଭାଗ୍ୟ ପ୍ରଧାନ, ପ୍ରଧାନ ଶିକ୍ଷକ ଦାଶରଥି ଜେନା ପ୍ରମୁଖ ଉପସ୍ଥିତ ଥିଲେ। ସହକାରୀ ଶିକ୍ଷକ ତଥା ସାହିତ୍ୟିକ ସିଦ୍ଧି ପ୍ରସାଦ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସଙ୍ଗଠନ ଦୃଢ଼ କରିବାକୁ ଆହ୍ୱାନ



କଂଗ୍ରେସ କାର୍ଯ୍ୟକାରିଣୀ ବୈଠକରେ ଅତିଥି ଓ ଅନ୍ୟମାନେ।

**ଅନୁଗୋଳ ଅଫିସ, ୨୦।୮**

ଅନୁଗୋଳ ଜିଲା କଂଗ୍ରେସ ଭବନଠାରେ ଜିଲା ସଭାପତି ବିପ୍ଳବ ଜେନାଙ୍କ ସଭାପତିତ୍ୱରେ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ସେବାଦଳ ଅଧ୍ୟକ୍ଷ ସୌମ୍ୟ ସଞ୍ଜୀବ ମିଶ୍ର ଓ ସଂଯୋଜକ ସଞ୍ଜୀବ ନାଏକଙ୍କ ଉପସ୍ଥିତିରେ ଜିଲାର ସମସ୍ତ ନବ ନିଯୁକ୍ତ ବ୍ଲକ ସଭାପତି ଓ କର୍ମକର୍ତ୍ତା, କିଷାନ ସେଲ୍ କର୍ମକର୍ତ୍ତା, ଓବିସି ସେଲ୍, ଅନୁସୂଚିତ ଜନଜାତି ସେଲ୍, ଆଇନ ସେଲ୍, ମିଡିଆ ସେଲ୍, ଜିଲା କଂଗ୍ରେସ କମିଟି କର୍ମକର୍ତ୍ତା, କାର୍ଯ୍ୟକାରିଣୀ ସଦସ୍ୟ ତଥା ନିମନ୍ତ୍ରିତ ସଦସ୍ୟମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ପ୍ରଦେଶ କଂଗ୍ରେସ କମିଟିର ପୂର୍ବତନ ସଭାପତି ଶରତ ପଟ୍ଟନାୟକ ଯୋଗଦେଇ ସଙ୍ଗଠନକୁ ଦୃଢ଼ କରିବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡା, ରାଜ୍ୟ ଅନୁସୂଚିତ ଜନଜାତି ପ୍ରକୋଷ୍ଠ ଅଧ୍ୟକ୍ଷ ବାଙ୍କନିଧି ବେହେରା, ପର୍ଯ୍ୟବେକ୍ଷକ ଜ୍ଞାନନିଧି ବେହୁରିଆ ଉପସ୍ଥିତ ଥିଲେ। ରାଜ୍ୟ ମହିଳା କଂଗ୍ରେସର ପୂର୍ବତନ ସଭାନେତ୍ରୀ ସସ୍ମିତା ବେହେରା, ପୂର୍ବତନ ନଗରପାଳ ଅକ୍ଷୟ କୁମାର ସାମନ୍ତ, ସୁକାନ୍ତୀ ଦାସ, ଜିଲା ଯୁବ କଂଗ୍ରେସ ସଭାପତି ଲୁଟୁ ରଞ୍ଜନ ଥାପ୍ପା, ଛାତ୍ର କଂଗ୍ରେସ ସଭାପତି ଲୁଲୁ ପାଣିଗ୍ରାହୀ, ଜିତେନ୍ଦ୍ର ସାହୁ, ଗୋପାଳ ନାଥ, ନଗର କଂଗ୍ରେସ ସଭାପତି ସୁଦୀପ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଅନୁମୋଦନ ପୂର୍ବରୁ କାର୍ଯ୍ୟ ଶେଷ

**ହିନ୍ଦୋଳ, ୨୦।୮(ଡି.ଏନ.ଏ.)**

- ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଅନିୟମିତତା ଅଭିଯୋଗ
- ମୁଖ୍ୟମନ୍ତ୍ରୀ, ୫-ଟି ସଚିବଙ୍କୁ ଅଭିଯୋଗ କଲେ ଗ୍ରାମବାସୀ

ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକର ଉନ୍ନୟନ କାର୍ଯ୍ୟ ଲାଗି ଆସୁଥିବା ପାଣ୍ଠିରେ ବ୍ୟାପକ ଅନିୟମିତତା ହେଉଛି। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଅନୁମୋଦନ ନ ଥାଇ ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇ ବିଲ୍ କରି ନେବାକୁ ମସୁଧା କରାଯାଉଥିବା ଅଭିଯୋଗ ହୋଇଛି। ଦୁଦୁରକୋଟ ପଞ୍ଚାୟତର ଏଭଳି ଦୁଇଟି ଘଟଣା ସାମ୍ନାକୁ ଆସିଛି। ପଞ୍ଚାୟତର କେଶରୀ ଗଣ୍ଡି ଏବଂ କ୍ଷୀରକୋଳି ନାଳରେ ଦୁଇମାସ ତଳେ ଚେକ୍ ଡ୍ୟାମ୍ ନିର୍ମାଣ କରାଯାଇଛି। ଉକ୍ତ ଦୁଇ ପ୍ରକଳ୍ପ ଲାଗି ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ସମିତି ପାଣ୍ଠିରୁ ୭ ଲକ୍ଷ ଟଙ୍କାର ଅନୁଦାନ ମଞ୍ଜୁର କରାଯାଇଥିଲା। ସେହିପରି ରାମଚଣ୍ଡୀ ଛକ-ବାରିହା ରଗଡି ରାସ୍ତାରେ ସୁରକ୍ଷା ବାଡ଼ କାର୍ଯ୍ୟ ମଧ୍ୟ ଶେଷ ହୋଇଛି। ସରକାରୀ ନିୟମ ଅନୁଯାୟୀ, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାର୍ଯ୍ୟ କରିବାକୁ ହେଲେ ପ୍ରଥମେ ପ୍ରକଳ୍ପର ଏକ କୋଡ୍ ବାହାରିବ। ଏହାପରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ଅଧିକାରୀ ଏହାକୁ ଅନୁମୋଦନ କରିବେ। ଲେବର ଡିମାଣ୍ଡ ପରେ ବିଭାଗୀୟ ଯନ୍ତ୍ରୀ ଲେ-ଆଉଟ୍ ଦେବେ ଏବଂ ଏହା ପରେ କାର୍ଯ୍ୟ ହେବା କଥା। ମାତ୍ର ସମ୍ପୃକ୍ତ କାର୍ଯ୍ୟରେ ବ୍ୟତିକ୍ରମ ହୋଇଛି। ବିଭାଗୀୟ ଅଧିକାରୀଙ୍କ ଅଗୋଚରରେ କାର୍ଯ୍ୟ ଶେଷ ହୋଇଥିବା ବେଶି ଚକିତ କରିଛି। ଏହାର ନିରପେକ୍ଷ ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳର ସଚେତନ ନାଗରିକ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ସଚିବ, ପଞ୍ଚାୟତିରାଜ ସଚିବ ଏବଂ ଭିଜିଲାନ୍ସ ବିଭାଗକୁ ପତ୍ର ମାଧ୍ୟମରେ ନିବେଦନ କରିଛନ୍ତି।

ଏ ସମ୍ପର୍କରେ ବ୍ଲକର କନିଷ୍ଠ ଯନ୍ତ୍ରୀ ମୋହନ ନାୟକ କୁହନ୍ତି, ସେ ମୌଖିକ ଭାବେ ଶୁଣିଛନ୍ତି। ହେଲେ ଲିଖିତ ଭାବେ କୌଣସି ଅଭିଯୋଗ ହୋଇନାହିଁ। ଅଭିଯୋଗ ସତ୍ୟ ହୋଇଥିଲେ କାର୍ଯ୍ୟର ବିଲ୍ ହେବନାହିଁ ବୋଲି ସେ ସ୍ପଷ୍ଟୀକରଣ ଦେଇଛନ୍ତି।



ରାମଚଣ୍ଡୀ ଛକ-ବାରିହା ରଗଡି ରାସ୍ତା ସୁରକ୍ଷା ବାଡ଼।



କେଶରୀ ଗଣ୍ଡି ଚେକ୍‌ଡ୍ୟାମ୍।

## ସଂକ୍ଷେପରେ

### ୫ ଜୀବନ ନେଲା କରୋନା

ଅନୁଗୋଳ ଅଫିସ, ୨୦।୮- ଅନୁଗୋଳ ଜିଲାରୁ ଶୁକ୍ରବାର ୨୪ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ କରୋନା ସଂକ୍ରମିତଙ୍କ ମୋଟ୍ ସଂଖ୍ୟା ୪୩ ହଜାର ୮୨୬ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଛେଣ୍ଡିପଦା ବ୍ଲକରୁ ୪ ଜଣ ଥିବାବେଳେ କଣିହାଁ ବ୍ଲକରୁ ୪, କିଶୋରନଗର ବ୍ଲକରୁ ୪, ଅନୁଗୋଳ ବ୍ଲକରୁ ୩, ବଣ୍ଡରପାଳ ବ୍ଲକରୁ ୩, ତାଳଚେର ବ୍ଲକରୁ ୩, ଆଠମଲ୍ଲିକ ବ୍ଲକରୁ ୨ ଓ ପାଲଲହଡ଼ା ବ୍ଲକରୁ ଜଣେ ରହିଛନ୍ତି। ସେହିଭଳି ଜିଲାରୁ ଦିନକରେ ୬୧ ଜଣ କରୋନାରୁ ସୁସ୍ଥ ହୋଇଛନ୍ତି। ଅନ୍ୟପକ୍ଷରେ ଜିଲାରେ ପୁଣି ୫ ଜଣଙ୍କ ଜୀବନ କରୋନାରେ ଯାଇଛି। ଏହାକୁ ମିଶାଇ ମୋଟ ମୃତକଙ୍କ ସଂଖ୍ୟା ୩୧୮ରେ ପହଞ୍ଚିଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

### କଫ ସିରପ୍ ଯୋଗାଣକାରୀ ଗିରଫ

କଣିହାଁ,୨୦।୮(ଡି.ଏନ.ଏ.)- ବେଆଇନ କଫ୍ ସିରଫ ବିକ୍ରି ମାମଲାରେ କଣିହାଁ ବ୍ଲକ ସମଲ ଥାନା ପୋଲିସ ସଫଳତା ପାଇଛି। ସମଲ ଅଞ୍ଚଳରେ ବିପୁଳ ମାତ୍ରାରେ ବେଆଇନ କଫ ସିରପ୍ କାରବାର ଚାଲିଥିବା ବେଳେ ଗତ ମାସରେ ୩ ଜଣଙ୍କୁ ପୋଲିସ ଗିରଫ କରିଥିଲା। ତେବେ ଅଧିକ ତଦନ୍ତ ବେଳେ ଏହି ବେଆଇନ କଫ ସିରପ୍ ଯୋଗାଉଥିବା କଟକ ଜଗତପୁର ଅଞ୍ଚଳର ନିଗମ ବିଶ୍ୱାଳଙ୍କୁ ଗୁରୁବାର ଗିରଫ କରାଯାଇଛି। ଏହି କାରବାରରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ତଦନ୍ତ ଜାରି ରହିଥିବା ସମଲ ଆଇଆଇସି ଲବ ବୋଡା ପ୍ରକାଶ କରିଛନ୍ତି।

### ଚୋରି ଅଭିଯୁକ୍ତ ଗିରଫ

କଣିହାଁ,୨୦।୮(ଡି.ଏନ.ଏ.)- ଅନୁଗୋଳ ଜିଲା ସମଲ ଥାନା ପୋଲିସ ଚୋରି ଅଭିଯୋଗରେ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ କୁଲେଇ ଗ୍ରାମର ମିଥୁନ ମହାନ୍ତି। ପୋଲିସ କହିଛି, ଗତ ୧୬ ତାରିଖ ରାତିରେ କୁଲେଇ ହଟିଂର ଦୈତାରୀ ଚିଡ଼ିଆଙ୍କ ଘରୁ ମିଥୁନ ମୋବାଇଲ ଚୋରି କରିଥିଲେ। ଦୈତାରୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ କରି ମିଥୁନଙ୍କୁ ଗିରଫ କରିଛି।

### ଫେରାର ଅଭିଯୁକ୍ତ ଗିରଫ

ବଇଣ୍ଡା,୨୦।୮ (ଡି.ଏନ.ଏ.)- ଆଠମଲ୍ଲିକ ବ୍ଲକ ଠାକୁରଗଡ ଥାନା କୃତ୍ତିବାସପୁର ଗ୍ରାମର ଲିଙ୍ଗରାଜ ପ୍ରଧାନଙ୍କୁ ଗୁରୁବାର ରାତିରେ ଠାକୁରଗଡ ପୋଲିସ ଚଢ଼ାଉ କରି ଗିରଫ କରିଛି। ପୋଲିସ କହିଛି, ଲିଙ୍ଗରାଜଙ୍କ ନାମରେ ତାଙ୍କ ସ୍ତ୍ରୀ ୨୦୨୦ ମସିହାରୁ ନିର୍ଯାତନା ମାମଲା ରୁଜୁ କରିଥିବା ବେଳେ ତାଙ୍କୁ ଆଠମଲ୍ଲିକ କୋର୍ଟ ୫୬ ହଜାର ଟଙ୍କା ଭରଣ ପୋଷଣ ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଲିଙ୍ଗରାଜ ଟଙ୍କା ନ ଦେଇ କୋର୍ଟଙ୍କ ନିର୍ଦ୍ଦେଶ ଅବମାନନା କରିଥିଲେ। ପରେ ତାଙ୍କ ନାମରେ କୋର୍ଟରୁ ୱାରେଣ୍ଟ ବାହାରିଥିଲା। ପୋଲିସ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

### ପୂର୍ବତନ ସରପଞ୍ଚଙ୍କ ପରଲୋକ

ବଇଣ୍ଡା,୨୦।୮ (ଡି.ଏନ.ଏ.)- କିଶୋରନଗର ବ୍ଲକ ଉରୁକୁଳା ପଞ୍ଚାୟତର ପୂର୍ବତନ ସରପଞ୍ଚ ବୈକୁଣ୍ଠ ପ୍ରଧାନଙ୍କ ଶୁକ୍ରବାର ସକାଳେ ତାଙ୍କ ବାସଭବନରେ ପରଲୋକ ହୋଇଯାଇଛି। ସେ କିଛି ଦିନ ହେବ ଅସୁସ୍ଥ ଥିଲେ। ସେ ବିଜେଡିର ଜଣେ



ଟାଣୁଆ ନେତା ଭାବେ ସ୍ଥାନୀୟ ଅଞ୍ଚଳରେ କାର୍ଯ୍ୟ କରୁଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ପରିବାର ସଦସ୍ୟମାନେ ଉପସ୍ଥିତ ଥିଲେ। ଏହି ଖବରପାଇ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ଶୋକ ପ୍ରକାଶ କରିଛନ୍ତି। ସେହିପରି ବଇଣ୍ଡା ସ୍ୱାସ୍ଥ୍ୟକେନ୍ଦ୍ରର ପୂର୍ବତନ ଡାକ୍ତର ପ୍ରଦୀପ୍ତ କୁମାର ରାୟଙ୍କ ଗୁରୁବାର ପରଲୋକ ହୋଇଯାଇଛି। ଶୁକ୍ରବାର ବଇଣ୍ଡା ମେଡିକାଲ ପରିସରରେ ଏକ ଶୋକ ସଭା ଅନୁଷ୍ଠିତ ହୋଇଥିଲା। ନୁନୁକାପଣି ସରପଞ୍ଚ ଜଳଧର ସାହୁ ସଭାପତିତ୍ୱ କରିଥିଲେ। ବଇଣ୍ଡା କଲେଜର ଅଧ୍ୟକ୍ଷ ସିଦ୍ଧାର୍ଥ କୁମାର ପଣ୍ଡା, ଫାଣ୍ଡି ଅଧିକାରୀ ଅରୁଣ କୁମାର ପଣ୍ଡା, ଆଇନଜୀବୀ ପ୍ରତାପ କୁମାର ପ୍ରଧାନ, ସରୋଜ କୁମାର ନନ୍ଦ, ସରୋଜ କୁମାର ପ୍ରଧାନ, ସନ୍ତୋଷ କୁମାର ପ୍ରଧାନଙ୍କ ସମେତ ବହୁ ଗ୍ରାମବାସୀ ଯୋଗଦେଇଥିଲେ।

# କାଳରେ ଲୀନ ଅପେକ୍ଷାରେ ସାଧନାସ୍ଥଳ

**କଳାର ପୂଜାରୀ ଥିଲେ ରାଣୀ ସୌଭାଗ୍ୟମଞ୍ଜରୀ। ତାଙ୍କରି ଉଦ୍ୟମରେ ପଚାଶ ଦଶକରେ ପାଲଲହଡ଼ା ଗଡ଼ଜାତରେ ପଡ଼ିଥିଲା କଳାର ଭିତ୍ତିଭୂମି। ନିର୍ମାଣ ହୋଇଥିଲା 'ସୌଭାଗ୍ୟମଞ୍ଜରୀ କଳାକେନ୍ଦ୍ର'। କେଇଜଣ ସାଧକଙ୍କୁ ନେଇ ଏଠାରେ ଆରମ୍ଭ ହୋଇଥିଲା ସଙ୍ଗୀତ ସାଧନା। ପରବର୍ତ୍ତୀ ସମୟରେ ଶାସ୍ତ୍ରୀୟ ସଙ୍ଗୀତ, ଓଡ଼ିଶୀ ନୃତ୍ୟ ସହ ବିଭିନ୍ନ ପାଠ୍ୟକ୍ରମରେ ଏହା ଦେଶରେ ସ୍ୱତନ୍ତ୍ର ପରିଚୟ ହାସଲ କରିଥିଲା। ହେଲେ ପ୍ରଶାସନର ଅବହେଳା ଓ ସରକାରୀ ସହାୟତା ଅଭାବରୁ ଏହି ସାଧନାସ୍ଥଳ ଆଜି କାଳର ଗର୍ଭ ଅପେକ୍ଷାରେ।**

- ରୁଗ୍ଣ ହୋଇପଡ଼ିଛି ସୌଭାଗ୍ୟମଞ୍ଜରୀ କଳାକେନ୍ଦ୍ର
- ୭୦ ବର୍ଷ ଧରି ପାଲଟିଛି ପାଲଲହଡ଼ାର ଗୌରବ
- ପୁନରୁଦ୍ଧାର ପାଇଁ ସରକାରୀ ସ୍ତରରେ ହେଉନି ପ୍ରୟାସ

ଦିବ୍ୟଜ୍ୟୋତି ଦାଶ
ପାଲଲହଡା,୨୦।୮



ପାଲଲହଡ଼ାଠାରେ ଥିବା ସୌଭାଗ୍ୟମଞ୍ଜରୀ କଳାକେନ୍ଦ୍ର।

ପ୍ରାୟ ୭୦ ବର୍ଷ ତଳେ ପାଲଲହଡା ଗଡଜାତ (ବର୍ତ୍ତମାନର ଅନୁଗୋଳ ଜିଲା ପାଲଲହଡ଼ା ବ୍ଲକ)ରେ କଳାର ବିକାଶ ପାଇଁ ଗଠନ ହୋଇଥିଲା ଏକ ଅସ୍ଥାୟୀ କଳାକେନ୍ଦ୍ର। ତତ୍କାଳୀନ ରାଣୀ ସୌଭାଗ୍ୟମଞ୍ଜରୀ ପାଲ ଏବଂ କେତେଜଣ କଳାକାର ଏଥିପାଇଁ ଉଦ୍ୟମ କରିଥିଲେ। ୧୯୫୨ରେ ପ୍ରତିଷ୍ଠିତ ଏହି ଅସ୍ଥାୟୀ କଳାକେନ୍ଦ୍ରର ନିଜସ୍ୱ ଘର ନିର୍ମାଣ ପାଇଁ ୧୯୬୦ରେ ରାଣୀ ଯୋଗାଇ ଦେଇଥିଲେ ୧୧ ଡେସିମିଲ ଜାଗା। ସ୍ଥାୟୀ ଗୃହ ନିର୍ମାଣ ସହ ଏହି କଳାକେନ୍ଦ୍ରର ନାମ ପରିବର୍ତ୍ତନ କରାଯାଇ ରଖାଯାଇଥିଲା ସୌଭାଗ୍ୟମଞ୍ଜରୀ କଳାକେନ୍ଦ୍ର। ଏହିଠାରୁ ହିଁ ପାଲଲହଡା ଗଡଜାତରେ ସଙ୍ଗୀତ ସାଧନାର ଏକ ନୂତନ ଯୁଗ ଆରମ୍ଭ ହୋଇଥିଲା।

ଏହି ଅନୁଷ୍ଠାନରେ ପ୍ରଥମ ଗୁରୁ ଭାବେ ଯୋଗଦେଇଥିଲେ ଦେବଗଡ଼ ରାଜ୍ୟର ପଚ୍ଚାୟତ ସାହେବ ଗୁରୁ ସୀତାକାନ୍ତ ଦେବଙ୍କଠାରୁ ସୀତାର ଶିକ୍ଷା ଗ୍ରହଣ କରିଥିବା ପ୍ରଭାକର ପ୍ରଧାନ। ଦିବ୍ୟାଙ୍ଗ ହୋଇଥିଲେ ମଧ୍ୟ ଅଳ୍ପ କିଛି ଦିନ ମଧ୍ୟରେ ଗୁରୁ ପ୍ରଭାକର ଏଠାରେ ବହୁ ଶିଷ୍ୟ ଅର୍ଜନ କରିପାରିଥିଲେ। ୧୯୭୨ ମସିହାରେ ସୌଭାଗ୍ୟମଞ୍ଜରୀ କଳାକେନ୍ଦ୍ର ଅବିଭକ୍ତ ଢେଙ୍କାନାଳ ଜିଲାରେ ଆନୁଷ୍ଠାନିକ ଭାବେ ପଞ୍ଜୀକୃତ ହୋଇଥିଲା। ପରବର୍ତ୍ତୀ ସମୟରେ ଚଣ୍ଡିଗଡ଼, ମହାରାଷ୍ଟ୍ରର ଗାନ୍ଧର୍ବ ମହାବିଦ୍ୟାଳୟ ସହ ଏହା ଅନୁବନ୍ଧିତ ହେବା ପରେ ଶାସ୍ତ୍ରୀୟ ସଙ୍ଗୀତ, ଓଡ଼ିଶୀ ନୃତ୍ୟ ଆଦି ବିଭିନ୍ନ ପାଠ୍ୟକ୍ରମ ଆରମ୍ଭ ହୋଇଥିଲା। କଟକର ସର୍ବପୁରାତନ ବାବୁଲାଲ ଯୋଶୀ କଳାକେନ୍ଦ୍ର ସହ ମଧ୍ୟ ଅନୁବନ୍ଧିତ ହୋଇଥିଲା। ଅଧ୍ୟକ୍ଷ ପ୍ରଭାକର ପ୍ରଧାନ, ଗୁରୁ ହୃଷୀକେଶ ସାହୁ, ଭୀମସେନ ସାହୁ, ଲଳିତ ମୋହନ ବେହେରା, ନୀଳମଣି ଜେନା, ସ୍ମୃତି ରଞ୍ଜନ ଦାଶ ଏବଂ ଲିଙ୍ଗରାଜ ଦାଶଙ୍କ ତତ୍ତ୍ୱାବଧାନରେ ସେତେବେଳେ ଏହି କଳାକେନ୍ଦ୍ର ରାଜ୍ୟର ଏକ ଅଗ୍ରଣୀ ଅନୁଷ୍ଠାନ ହୋଇପାରିଥିଲା। ଫଳରେ ଏଠାରେ ଶିକ୍ଷାଗ୍ରହଣ କରିବାକୁ ବିଭିନ୍ନ ସ୍ଥାନରୁ ଛାତ୍ରୀଛାତ୍ରଙ୍କ ଧାଡ଼ି ଲାଗୁଥିଲା। ଏହି ଅନୁଷ୍ଠାନରୁ ଶିକ୍ଷା ନେଇଥିବା ବହୁ କଳାକାର ରାଜ୍ୟ ତଥା ରାଜ୍ୟ ବାହାରେ ପ୍ରତିଷ୍ଠିତ ହୋଇପାରିଛନ୍ତି। କିନ୍ତୁ ୧୯୯୬ରେ ଅଧ୍ୟକ୍ଷ ପ୍ରଭାକର ପ୍ରଧାନଙ୍କ ମୃତ୍ୟୁ ପରେ ଏହି ଅନୁଷ୍ଠାନ ଅନେକ ସମସ୍ୟାରେ ଛନ୍ଦି ହୋଇପଡ଼ିଥିଲା। ଆର୍ଥିକ ସଂକଟ ଯୋଗୁ ରକ୍ଷଣାବେକ୍ଷଣ ଓ ବିଭିନ୍ନ ପାଠ୍ୟକ୍ରମ ପାଇଁ ଉପକରଣ ଅଭାବ ଦେଖାଦେଇଥିଲା। କେତେଜଣ କଳାପ୍ରେମୀ ଏବଂ କଳାକାରଙ୍କ ଉଦ୍ୟମ ଏହାକୁ ପୂର୍ବାବସ୍ଥାକୁ ଫେରାଇପାରି ନ ଥିଲା। ୨୦୧୭ ମସିହାରେ ତତ୍କାଳୀନ ବିଧାୟକ ମହେଶ ସାହୁଙ୍କ ସହାୟତାରେ ଏହି ରୁଗ୍ଣ ଅନୁଷ୍ଠାନର ଆଂଶିକ ଉନ୍ନତୀକରଣ କାର୍ଯ୍ୟ କରାଯାଇଥିଲା। ୨୦୨୦ରେ ସ୍ଥାନୀୟ କଳାକାରମାନଙ୍କ ପ୍ରଚେଷ୍ଟା ଏବଂ ନ୍ୟାଶନାଲ ସ୍କୁଲ ଅଫ ଡ୍ରାମାର ଅଧିକାରୀମାନେ ୪୦ ଛାତ୍ରୀଛାତ୍ରଙ୍କୁ ନେଇ ଏଠାରେ ଏକ ବିଶାଳ ପ୍ରଶିକ୍ଷଣ ଶିବିର ଆୟୋଜନ କରିଥିଲେ। ହେଲେ ଏହା ସୌଭାଗ୍ୟମଞ୍ଜରୀ କଳାକେନ୍ଦ୍ରର ଭାଗ୍ୟ ବଦଳାଇପାରି ନାହିଁ। ସ୍ଥାନୀୟ ରାଜନେତା, ପ୍ରଶାସନ ଏବଂ ରାଜ୍ୟ ସରକାରଙ୍କ ଉଦାସୀନତା କାରଣରୁ ଏହି କଳାର କାରଖାନା ଏବେ ଅତ୍ୟନ୍ତ ଅବହେଳିତ ଅବସ୍ଥାରେ ପଡ଼ିରହିଛି।

#### ସରକାରୀ ସହାୟତା ଲୋଡ଼ା



ସରକାରୀ ସହାୟତା ବିନା ଏପରି ଏକ ବିଶାଳ ସଂସ୍ଥାକୁ ଚଳାଇବା ସମ୍ଭବ ନୁହେଁ। ଆଜି ବି ସାଧକ ଓ ସାଧନାର ଅଭାବ ନାହିଁ। ସରକାର ଏଥିପ୍ରତି ଦୃଷ୍ଟି ଦେଲେ ପୁଣି ଥରେ ଏହି କଳାକେନ୍ଦ୍ର କାର୍ଯ୍ୟକ୍ଷମ ହୋଇପାରନ୍ତା।

-ଲିଙ୍ଗରାଜ ଦାଶ, ପୂର୍ବତନ ତବଲା ପ୍ରଶିକ୍ଷକ ତଥା ସମ୍ପାଦକ

#### ଭିତ୍ତିଭୂମି, ପ୍ରଶିକ୍ଷକ ଅଭାବ



ଏକଦା ରାଜ୍ୟରେ ଅଗ୍ରଣୀ ଥିବା ଏହି କଳାବିକାଶ କେନ୍ଦ୍ର ଦୀର୍ଘଦିନ ହେବ ରୁଗ୍ଣ ଅବସ୍ଥାରେ ପଡିଛି। ଆବଶ୍ୟକ ଭିତ୍ତିଭୂମି ଓ ପ୍ରଶିକ୍ଷକମାନଙ୍କ ଅଭାବ ଯୋଗୁ ଏହା ଆଗକୁ ବଢ଼ିପାରୁ ନାହିଁ। ରାଜ୍ୟ ସରକାର ଏଥିପ୍ରତି ଧ୍ୟାନ ଦିଅନ୍ତୁ।

-ବିବେକାନନ୍ଦ ବିଶ୍ୱାଳ, କଳାକାର

#### ଅବହେଳିତ କରି ରଖାଯାଇଛି



ଏହି କଳାକେନ୍ଦ୍ର ପାଲଲହଡାର ଗର୍ବ ଓ ଗୌରବ। ଏହା ଅନେକ ପ୍ରତିଭା ରାଜ୍ୟକୁ ଭେଟି ଦେଇଛି। କିନ୍ତୁ ଆଜି ଏହା ଅବହେଳିତ ହୋଇପଡିଛି। ଏହାର ପୁନରୁଦ୍ଧାର ହେଲେ ଆଗାମୀ ପିଢ଼ି ସଙ୍ଗୀତ ସାଧନାର ସୁଯୋଗ ପାଇପାରନ୍ତେ।

-ନେତ୍ରାନନ୍ଦ ମହାକୁଳ, କଳାକାର

#### ସମସ୍ୟାର ସମାଧାନ କରାଯିବ



ପରିଚାଳନା କମିଟି ସମ୍ପାଦକଙ୍କ ମୃତ୍ୟୁ ପରେ ଓ କରୋନା କଟକଣା କାରଣରୁ ନୂଆ କମିଟି ଗଠନ କରାଯାଇ ନାହିଁ। ଖୁବ୍‌ଶୀଘ୍ର କମିଟି ଗଠନ କରାଯାଇ ଏହି ପୁରାତନ ଅନୁଷ୍ଠାନର ସମସ୍ତ ସମସ୍ୟାର ସମାଧାନ କରାଯିବ।

-ଅଜିତ କୁମାର ପ୍ରଧାନ, ଉପଜିଲାପାଳ ତଥା କମିଟି ସଭାପତି, ପାଲଲହଡା

## ବିଧାୟକଙ୍କ ଦ୍ୱାରା ପ୍ରକଳ୍ପ ଉଦ୍‌ଘାଟିତ



ବିଧାୟକ ଏକ ପ୍ରକଳ୍ପକୁ ଫିତାକାଟି ଉଦ୍‌ଘାଟନ କରୁଛନ୍ତି।

ଢେଙ୍କାନାଳ ଅଫିସ, ୨୦।୮

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଲେଥକା ପଞ୍ଚାୟତରେ ବିଧାୟକ ସୁଧୀର କୁମାର ସାମଲଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ ହୋଇଛି। ଟୋଲଙ୍କଲୁଣ୍ଡି, ଲେଥକା, କୁଶୁପଦା ଗ୍ରାମରେ ପାନୀୟଜଳ ବ୍ୟବସ୍ଥା, କଲ୍ୟାଣ ମଣ୍ଡପ, ପାଲା ମଣ୍ଡପ, ଶ୍ରେଣୀ ଗୃହ ଆଦି ଲୋକାର୍ପଣ କରାଯାଇଛି। ଆଗକୁ ରାସ୍ତା ଉନ୍ନତୀକରଣକୁ ଗୁରୁତ୍ୱ ଦିଆଯିବ ବୋଲି ବିଧାୟକ କହିଛନ୍ତି। କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ଗୀତାଞ୍ଜଳି ଭୂୟାଁ, ସରପଞ୍ଚ ବାବାଜୀ ସ୍ୱାଇଁ, ଶୁଭଦର୍ଶିନୀ ପରିଡ଼ା, ନରୋତ୍ତମ ସାହୁ, ବିଶ୍ୱନାଥ ଜେନା, ନିରାକାର ରାଉତ, ଶୁଭ ମହାନ୍ତିଙ୍କ ସମେତ ବ୍ଲକ ପ୍ରଶାସନର ଅଧିକାରୀମାନେ ଉପସ୍ଥିତ ଥିଲେ।

## ଗୋଆ ଯିବ ଜିଲା କିକ୍ ବକ୍ସିଂ ଦଳ



ଜିଲାପାଳଙ୍କ ଗହଣରେ କିକ୍ ବକ୍ସିଂ ଦଳର ଖେଳାଳିମାନେ।

ଢେଙ୍କାନାଳ ଅଫିସ, ୨୦।୮

ଚଳିତ ମାସ ୨୬ରୁ ୨୯ ତାରିଖ ଯାଏ ଗୋଆରେ ଆୟୋଜିତ ହେଉଥିବା ୱାକ୍ ଇଣ୍ଡିଆ ସିନିୟର ଓ ମାଷ୍ଟର ଜାତୀୟ କିକ୍ ବକ୍ସିଂ ଚାମ୍ପିୟନଶିପ୍ ପ୍ରତିଯୋଗିତାରେ ଭାଗ ନେବ ଢେଙ୍କାନାଳ ଜିଲା କିକ୍ ବକ୍ସିଂ ଦଳ। ଏହି ଦଳର ମହିଳା ବିଭାଗରେ କୀର୍ତ୍ତୀରାଣୀ ସାହୁ, ବବି ପ୍ରତିହାରୀ, ଲକି ବିଶ୍ୱାସ ଏବଂ ପୁରୁଷ ବିଭାଗରେ ମିହିର କୁମାର ସାହୁ, ମାନସ ରଞ୍ଜନ ଅମାତ୍, ଦୁଲାରାମ ହାଂସଦା, ରୂପେନ୍ଦ୍ର ମାରାଣ୍ଡି ସାମିଲ ଅଛନ୍ତି। ଖେଳାଳିମାନେ ୨୪ ତାରିଖରେ ଗୋଆ ଅଭିମୁଖେ ଯାତ୍ରା କରିବେ। ଏ ନେଇ ଶୁକ୍ରବାର ପୂର୍ବାହ୍ନ ୧୦ଟାରେ ସ୍ଥାନୀୟ ସର୍କିଟ ହାଉସ୍‌ରେ ଜିଲାପାଳ ସରୋଜ କୁମାର ସେଠୀ ଏବଂ ଆଇଏଏସ୍ ପ୍ରୋବେଶନର ବିଭୂତି ଭୂଷଣ ନାୟକ କିକ୍‌ବକ୍ସିଂ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇବା ସହ ଉତ୍ସାହିତ କରାଇଥିଲେ। କାର୍ଯ୍ୟକ୍ରମରେ ଜିଲା କ୍ରୀଡ଼ା ଅଧିକାରୀ ପ୍ରଦୀପ୍ତ କୁମାର ମହାନ୍ତି, କ୍ରୀଡା ଶିକ୍ଷକ ସନ୍ତୋଷ କୁମାର ପରିଡ଼ା ଉପସ୍ଥିତ ଥିଲେ।

## 'ଆଇ ଲଭ୍ କୋଶଳା' ଲୋକାର୍ପିତ

ଛେଣ୍ଡିପଦା,୨୦।୮(ସ୍ୱ.ପ୍ର.)

ଛେଣ୍ଡିପଦା ବ୍ଲକ କୋଶଳାସ୍ଥିତ ମା' ରାମଚଣ୍ଡୀ ପୀଠ ନିକଟରେ ଶୁକ୍ରବାର 'ଆଇ ଲଭ କୋଶଳା'ର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଯୁବ ସଙ୍ଗଠକ ସିଦ୍ଧାର୍ଥ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜଗତସିଂହପୁର ବିଧାୟକ ତଥା ଜିଲା ପର୍ଯ୍ୟବେକ୍ଷକ ପ୍ରଶାନ୍ତ କୁମାର ମୁଦୁଲି, ବିଜେଡି ନେତା ନଳିନୀକାନ୍ତ ପ୍ରଧାନ, ଛେଣ୍ଡିପଦା ବିଧାୟକ ସୁଶାନ୍ତ ବେହେରା, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ଓ ପାଲଲହଡା ବିଧାୟକ ମୁକେଶ ପାଳ ପ୍ରମୁଖ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ କୋଶଳାର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ।




## ବିଭିନ୍ନ ଦାବି ନେଇ କେନ୍ଦ୍ରମନ୍ତ୍ରୀଙ୍କୁ ଦାବିପତ୍ର

ଅନୁଗୋଳ ଅଫିସ/ ଛେଣ୍ଡିପଦା/ କଣିହାଁ,୨୦।୮

ଅନୁଗୋଳ ଜିଲାରେ ଡିଏମ୍‌ଏଫ୍ ଅର୍ଥ ଖର୍ଚ୍ଚରେ ବ୍ୟାପକ ଦୁର୍ନୀତି, ମନଇଚ୍ଛା ପ୍ରକଳ୍ପ କରିବା, ଶାସକ ଦଳର ଠିକାଦାର ପୋଷିବା ଭଳି ପ୍ରକଳ୍ପ କରିବା ଆଦିର ସିଏଜି ଦ୍ୱାରା ଅଡିଟ କରାଇବା ଦାବି ନେଇ ଗୁରୁବାର ଜିଲା ଭାଜପା ସଭାପତି ଡିଲେଶ୍ୱର ପ୍ରଧାନଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭୁବନେଶ୍ୱରରେ ଭେଟି ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଜିଲା ସଭାପତି ପ୍ରଧାନଙ୍କ ସମେତ ରାଜ୍ୟ ସମ୍ପାଦକ କାଳନ୍ଦୀ ସାମଲ, କାର୍ଯ୍ୟକରିଣୀ ସଦସ୍ୟ ଅଶୋକ ମହାନ୍ତି, ପ୍ରତାପ ଚନ୍ଦ୍ର ପ୍ରଧାନ, ଅଗସ୍ତି ବେହେରା, ସାଧାରଣ ସମ୍ପାଦକ ସୁଦୀପ ଗଡ଼ନାୟକ, ପ୍ରକାଶ ମହାରଣା, ମିଡିଆ ସେଲ୍ ଅଧ୍ୟକ୍ଷ ପର୍ଶୁରାମ ବାରିକ, ଜିଲା ସମ୍ପାଦକ ପ୍ରଶାନ୍ତ ନନ୍ଦ, କୋଷାଧ୍ୟକ୍ଷ ବିଶ୍ୱଜିତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଜିଲା କ୍ରୀଡା ଓ କଳା ଶିକ୍ଷକ ସଂଘ ପକ୍ଷରୁ ସ୍ଥାୟୀ ନିଯୁକ୍ତି ନିମନ୍ତେ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରାଯାଇଛି। ରାଜ୍ୟ କ୍ରୀଡା ଓ କଳା ଶିକ୍ଷକ ସଂଘ କର୍ମକର୍ତ୍ତା ରଶ୍ମିରଞ୍ଜନ ସାହାଣୀ, ଶଙ୍କର ପ୍ରସାଦ ମହାପାତ୍ର, ମହେନ୍ଦ୍ର କୁମାର ସାହୁ ଓ ଜିଲା କ୍ରୀଡ଼ା କମିଟିର ବୁଦ୍ଧଦେବ ପ୍ରଧାନ, ଶକ୍ତିଧର ପ୍ରଧାନ, ଅରୁଣ କୁମାର ସାହୁ, ସତ୍ୟବ୍ରତ ସାହୁ, ବାଳକୃଷ୍ଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି କଣିହାଁ ବ୍ଲକ ଭାଜପା କମିଟି ପକ୍ଷରୁ ବ୍ଲକର ବିଭିନ୍ନ ସମସ୍ୟା ନେଇ କେନ୍ଦ୍ରମନ୍ତ୍ରୀଙ୍କୁ ୪ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ଭାଜପା ରାଜ୍ୟ ସମ୍ପାଦକ କାଳିନ୍ଦୀ ସାମଲ, ପ୍ରଭାରୀ ପର୍ଶୁରାମ ବାରିକ, ଦେବେନ୍ଦ୍ର ବାରିକ, ବଡ଼ଗୁଣ୍ଡୁରୀ ସରପଞ୍ଚ ଲୋକନାଥ ସାହୁ, ତାଳଚେର ମିଡିଆ ସେଲ୍ ଅଧ୍ୟକ୍ଷ ସୁଶାନ୍ତ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।



କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଅନୁଗୋଳ ଭାଜପା ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

## ୧୩୫ ୟୁନିଟ୍ ରକ୍ତ ସଂଗ୍ରହ

ଆଠମଲ୍ଲିକ/ ବଇଣ୍ଡା/ ଛେଣ୍ଡିପଦା, ୨୦।୮ (ଡି.ଏନ.ଏ.)

ଅନୁଗୋଳ ଜିଲା ଆଠମଲ୍ଲିକ ଓ ଛେଣ୍ଡିପଦା ବ୍ଲକ ଅଞ୍ଚଳରେ ଶୁକ୍ରବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ୍ ୧୩୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଆଠମଲ୍ଲିକ ବ୍ଲକ ସାନହୁଲା ପଞ୍ଚାୟତର ବଡବରଠାରେ ବଜରଙ୍ଗୀ ସଙ୍ଗଠନ ସହଯୋଗରେ ଅନୁଷ୍ଠିତ ଶିବିରରେ ୪୫ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଉପଖଣ୍ଡ ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ସୁନୀଲ କୁମାର ପଣ୍ଡା, ବଇଣ୍ଡା ଫାଣ୍ଡି ଅଧିକାରୀ ଅରୁଣ କୁମାର ପଣ୍ଡା, ଟୁକୁନ ପ୍ରଧାନ, ବିଶ୍ୱଜିତ ସାଥୁଆ ମହାପାତ୍ର ପ୍ରମୁଖ ଶିବିରରେ ଯୋଗ ଦେଇଥିଲେ। ଷ୍ଟାଫ୍ ନର୍ସ ସ୍ନିଗ୍ଧାରାଣୀ ସିଂ, ଟେକ୍ନିସିଆନ ବଳରାମ ଦାଶ, ସୁଶାନ୍ତ ସାହୁ, ଶ୍ରୀତମ ବେହେରା, ଗୋବିନ୍ଦ ବେହେରା, ରବୀନ୍ଦ୍ରନାଥ ମହାନ୍ତି, ବିଶ୍ୱଜିତ କର ଓ ରାଧାମୋହନ ତ୍ରିପାଠୀ ରକ୍ତ ସଂଗ୍ରହ କରିଥିଲେ। ସଙ୍ଗଠନ ସଭାପତି ସୁଜିତ ଦାସ, ସମ୍ପାଦକ ପ୍ରଶାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀ ଭାଜପା ପକ୍ଷରୁ ତେଣ୍ଟୁଲୋଇ କୋଡାସାହି ପଞ୍ଚାୟତର କନକ ଦୁର୍ଗା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ୯୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ସମ୍ବଲପୁର ଏମ୍‌ପି ନୀତେଶ ଗଙ୍ଗଦେବଙ୍କ ଆହ୍ୱାନ କ୍ରମେ 'ସେବା ହିଁ ସଙ୍ଗଠନ' ପକ୍ଷରୁ ଏହାର ଆୟୋଜନ କରାଯାଇଥିଲା। ଅତିଥି ଭାବେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଗସ୍ତି ବେହେର, ଜିଲା କୃଷକ ମୋର୍ଚ୍ଚା ସଭାପତି ବିଜୟ ମାଝି, ସୁନୀଲ ପ୍ରଧାନ, ଯଶୋବନ୍ତ ବେହେରା, ଗୋପବନ୍ଧୁ ସାହୁ, ଅକ୍ଷୟପାଦ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଜିଲା ମୁଖ୍ୟ ରକ୍ତ ଭଣ୍ଡାର କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ।




ଆଠମଲ୍ଲିକ ବ୍ଲକ ବଡବରଠାରେ ରକ୍ତ ସଂଗ୍ରହ କରାଯାଉଛି।

## ବଳାତ୍କାର ଓ ହତ୍ୟା ଉଦ୍ୟମ ଘଟଣା
## ସରିଲା ୩୦ ଜଣଙ୍କ ସାକ୍ଷ୍ୟ ଗ୍ରହଣ

ଅନୁଗୋଳ ଅଫିସ, ୨୦।୮

ଅନୁଗୋଳ ବସ୍‌ଷ୍ଟାଣ୍ଡ ନିକଟ ଆହର କେନ୍ଦ୍ର ପଛପାର୍ଶ୍ୱରେ ମହାରାଷ୍ଟ୍ରର ଜଣେ ନାବାଳିକାଙ୍କୁ ୨୦୧୯ ଜୁଲାଇ ୨୧ ତାରିଖରେ ବଳାତ୍କାର ସହ ହତ୍ୟା ଉଦ୍ୟମ କରାଯାଇଥିଲା। ଏ ନେଇ ଥାନାରେ ଅଭିଯୋଗ ପରେ ପୋଲିସ ତଦନ୍ତ କରି ଅମଲାପଡ଼ା ଅଞ୍ଚଳର ଶିବୁ ପଟ୍ଟନାୟକଙ୍କୁ ଗିରଫ କରିଥିଲା। ଏହି ମାମଲାର ବିଚାର ଅନୁଗୋଳ ପକ୍‌ସୋ କୋର୍ଟରେ ଚାଲିଥିବା ବେଳେ ମୋଟ୍ ୩୦ ଜଣଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଥିବା କୋର୍ଟ ସୂତ୍ରରୁ ଜଣାପଡ଼ିଛି। ପ୍ରମୁଖ ସାକ୍ଷୀ ଭାବେ ମହାରାଷ୍ଟ୍ର ନାଗପୁର ଅଞ୍ଚଳର ଶିକ୍ଷକ, କଟକ ମେଡିକାଲ ଡାକ୍ତର, ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତର, ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ସଦସ୍ୟ ସେମାନଙ୍କ ସାକ୍ଷ୍ୟ ପ୍ରଦାନ କରିଛନ୍ତି। ଅତିରିକ୍ତ ଜିଲା ଓ ଦୌରାଜଜ୍ କମ୍ ସ୍ପେଶାଲ ପକ୍‌ସୋ କୋର୍ଟ ଜଜ୍ ଅଗସ୍ତି କୁମାର ସାହୁ ଏହାର ବିଚାର କରୁଥିବାବେଳେ ସ୍ପେଶାଲ ପିପି ସରୋଜ ପଟ୍ଟନାୟକ ପରିଚାଳନା କରୁଛନ୍ତି। କେବଳ ମୁଦାଲାଙ୍କ ବୟାନ ଚଳିତମାସରେ ରେକର୍ଡ କରାଯିବା କାର୍ଯ୍ୟ ବାକି ରହିଛି। ଏହାପରେ ସମସ୍ତ ତଥ୍ୟ ଓ ପ୍ରମାଣକୁ ଭିତ୍ତି କରି ମାମଲାର ଶୁଣାଣି ଆରମ୍ଭ ହେବ।

## ଦକ୍ଷ କର୍ମୀ ଭାବେ କାର୍ଯ୍ୟ କର



କାର୍ଯ୍ୟକାରିଣୀ ବୈଠକରେ ଉପସ୍ଥିତ ଜିଲା ପର୍ଯ୍ୟବେକ୍ଷକ, ବିଧାୟକ ଓ ଅନ୍ୟ କର୍ମକର୍ତ୍ତାମାନେ।

**ଛେଣ୍ଡିପଦା ବ୍ଲକ ବିଜେଡି କାର୍ଯ୍ୟକାରିଣୀ ବୈଠକ**

ଛେଣ୍ଡିପଦା,୨୦।୮(ସ୍ୱ.ପ୍ର.)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ବିଜେଡିର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଶୁକ୍ରବାର କୋଶଳା କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ଶରତ ଗଡନାୟକ ବୈଠକରେ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ଜିଲା ପର୍ଯ୍ୟବେକ୍ଷକ ତଥା ଜଗତସିଂହପୁର ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି, ସମ୍ବଲପୁର ଜିଲା ପର୍ଯ୍ୟବେକ୍ଷକ ନଳିନୀକାନ୍ତ ପ୍ରଧାନ, ଛେଣ୍ଡିପଦା ବିଧାୟକ ସୁଶାନ୍ତ ବେହେରା, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ଓ ପାଲଲହଡା ବିଧାୟକ ମୁକେଶ ପାଳ, ଗ୍ରାମୀଣ ଗୃହ ନିଗମ ଅଧ୍ୟକ୍ଷ ମୀନକେତନ ଅମାନ୍ତ, ଅରୁଣାଭ ସିଂହ, ଜିଲା ବିଜେଡି ସଭାପତି ମହେନ୍ଦ୍ର ବସ୍ତିଆ, ଜିଲା ମହିଳା ବିଜେଡି ସଭାପତି ବିଦ୍ୟୁତଲତା ପ୍ରଧାନ, ଛେଣ୍ଡିପଦା ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ, ଅନୁଗୋଳ ଛାତ୍ର ବିଜେଡି ସଭାପତି ରାଜୀବ ଲୋଚନ ଦାଶ, ଜିଲା ପରିଷଦ ସଭାପତି ବାସନ୍ତୀ କିଷାନ, ରାଜ୍ୟ ଯୁଗ୍ମ ସମ୍ପାଦକ ଚନ୍ଦ୍ରକାନ୍ତ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି କହିଥିଲେ, ଆଗକୁ ପଞ୍ଚାୟତ ନିର୍ବାଚନ ଥିବାରୁ କର୍ମୀମାନେ ନିଜକୁ ଜଣେ ଜଣେ ଦକ୍ଷ କର୍ମୀ ଭାବି ୱାର୍ଡସ୍ତରରୁ ଦଳର ସଙ୍ଗଠନକୁ ମଜଭୁତ କରିବା ଦିଗରେ କାର୍ଯ୍ୟ କରନ୍ତୁ। ଏଥିସହିତ ମୁଖ୍ୟମନ୍ତ୍ରୀଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାନ୍ତୁ। ଅନ୍ୟ ଅତିଥିମାନେ ପଞ୍ଚାୟତ, ବ୍ଲକ ଅଧ୍ୟକ୍ଷ ଓ ଜିଲାପରିଷଦ ନିର୍ବାଚନରେ ବିଜେଡି ଯେପରି ଗଡ଼ ଦଖଲ କରିବ ସେ ନେଇ କାର୍ଯ୍ୟ କରିବାକୁ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ବିଧାୟକଙ୍କ ଜିଲା ପ୍ରତିନିଧି ପ୍ରଦୀପ କୁମାର ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ଅପିନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

